## ସଂକ୍ଷେପରେ

### ୨ୟ ଦିନରେ ଖଣିବନ୍ଦ ଆନ୍ଦୋଳନ

କଣିହାଁ, ୨୧।୧୧(ଡି.ଏନ.ଏ.): ଏମ୍‌ସିଏଲ୍‌ର କଣିହାଁ ଓସିପିରେ ନିଯୁକ୍ତି ତାଲିକା ପ୍ରକାଶ, ବର୍ଦ୍ଧିତ କ୍ଷତିପୂରଣ ସହ ଥଇଥାନ ଦାବିରେ ପଥରମୁଣ୍ଡା ଗ୍ରାମବାସୀଙ୍କ ଖଣିବନ୍ଦ ଆନ୍ଦୋଳନ ବୁଧବାର ୨ୟ ଦିନରେ ପହଞ୍ଚିଛି। ଏଥିଯୋଗୁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଥିବାବେଳେ ରାସ୍ତାପାର୍ଶ୍ୱରେ ଟ୍ରକ୍‌ଗୁଡିକ ଅଟକି ରହିଛି। ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନାକୁ ଗ୍ରାମବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଯେ ପର୍ଯ୍ୟନ୍ତ ଦାବି ପୂରଣ ପାଇଁ ସମୟ ସୀମା ସ୍ଥିର କରା ନ ଯାଇଛି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମ ସଭାପତି ବିଜୟ କୁମାର ଦାସ, ସମ୍ପାଦକ ଭାଗୀରଥି ସାହୁ, କମିଟି ସଦସ୍ୟ ଅଭିମନ୍ୟୁ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

### କଣିହାଁରେ ଦନ୍ତା ହାତୀ ଆତଙ୍କ

କଣିହାଁ, ୨୧।୧୧(ଡି.ଏନ.ଏ.)- କଣିହାଁ ବ୍ଲକ କଂସମୁଣ୍ଡା, ବଡଗୁଣ୍ଡୁରୀ, ଭୂଇଁପୁର, ମଶୁଣିହତା, କାକୁଡିଆ ଗ୍ରାମ ସହ ବ୍ଲକ ମହକୁମା ଅଞ୍ଚଳରେ ଦନ୍ତା ହାତୀକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧ କିମି ଦୂରରେ ଏକ ଦନ୍ତା ଧାନ ଜମିରେ ପଶିଥିବାରୁ ଲୋକେ ନିକଟସ୍ଥ ରାସ୍ତାରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ତୁରନ୍ତ ହାତୀ ଘଉଡାଇବା ସହ ଫସଲ କ୍ଷତି ଆକଳନ କରି ବିଭାଗ କ୍ଷତିପୂରଣ ଯୋଗାଇବାକୁ ଦାବି ହୋଇଛି। କଣିହାଁ ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳ କହିଛନ୍ତି, ଏକ ଦନ୍ତା ହାତୀ ମଙ୍ଗଳବାରଠାରୁ ବନାଞ୍ଚଳକୁ ପ୍ରବେଶ କରିଛି। ଘଉଡାଇବାକୁ ଉଦ୍ୟମ ଜାରି ରହିଛି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯିବ।

### ବଡ଼ଓଷାରେ ବସ୍ତ୍ର ଦାନ



କଣିହାଁ, ୨୧।୧୧(ଡି.ଏନ.ଏ.): କଣିହାଁ ବ୍ଲକ ଅଞ୍ଚଳର ଗ୍ରାମଗୁଡିକ ବଡଓଷା ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଛି। ଏହି ଉପଲକ୍ଷେ ରେଙ୍ଗାଳି ଡ୍ୟାମ କଲୋନୀ ବାବା ଆଖଣ୍ଡଳମଣି ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ୨ଶହରୁ ଊର୍ଦ୍ଧ୍ୱ ନିଃସହାୟ, ବୟୋଜ୍ୟେଷ୍ଠ, ଭିନ୍ନକ୍ଷମଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା।

### ମାର୍‌ପିଟରେ ଯୁବକ ଆହତ

ପବିତ୍ରନଗର, ୨୧।୧୧(ଡି.ଏନ.ଏ.): ଅନୁଗୋଳ ଜିଲା ସମଲ ଥାନା ଗହମ ଗ୍ରାମର ମଧୁସୂଦନ ବେହେରାଙ୍କୁ କଣିହାଁ ଥାନା କିଆଝାର ଗ୍ରାମର କିଛି ଯୁବକ ମାର୍‌ପିଟ୍ କରିଥିବା ସମଲ ଥାନାରେ ଅଭିଯୋଗ ହୋଇଛି। କୌଣସି କାରଣରୁ ପ୍ରାୟ ୬ ଜଣ ଯୁବକ ମଧୁସୂଦନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇଛନ୍ତି। ପୋଲିସ ନଂ. ୧୪୯/୧୮ରେ ମାମଲା ରୁଜୁ କରିଛି।

### ବଣ୍ଠରପାଳରେ ନୂତନ ବିଡିଓଙ୍କ ଯୋଗଦାନ



ବଣ୍ଠରପାଳ,୨୧।୧୧ (ଡି. ଏନ୍.ଏ): ଅନୁଗୋଳ ଜିଲା ବଣ୍ଠରପାଳ ବ୍ଲକର ନୂତନ ବିଡିଓ ଭାବେ ଡ. ସ୍ୱରୁପାନନ୍ଦ ସାହୁ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଅନୁଗୋଳର ଡେପୁଟି କଲେକ୍ଟର ଭାବେ ୪ ଦିନ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଘର ବାଲେଶ୍ୱର ଜିଲାରେ। ବିଭିନ୍ନ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ସହ କିଭଳି ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟ ହେବ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଇଣ୍ଡା, ୨୧।୧୧(ଡି.ଏନ.ଏ.) ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତର ପୂର୍ବତନ ସରପଞ୍ଚ ମାୟାଧର ନାହାକ(୧୦୫)ଙ୍କ ବୁଧବାର ସକାଳେ ପରଲୋକ ଘଟିଛି। କିଛି ଦିନ ହେବ ସେ ଅସୁସ୍ଥ ଥିବା ବେଳେ ବରହ୍ମ ସ୍ଥିତ ତାଙ୍କ ବାସଭବନରେ ମୃତ୍ୟୁ ଘଟିଥିଲା। ଖବରପାଇ ପଞ୍ଚାୟତବାସୀ ସେଠାରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ।

# ପାଇଖାନାରେ ମଧ୍ୟାହ୍ନଭୋଜନ ସାମଗ୍ରୀ

ପାଲଲହଡ଼ା, ୨୧।୧୧(ଡି.ଏନ.ଏ.)




ପାଇଖାନା ଘରେ ଖାଇବା ସାମଗ୍ରୀ ରଖାଯାଇଛି।

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ସରକାର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। ହେଲେ କେତେକ ବିଦ୍ୟାଳୟରେ ଏହି ଯୋଜନା ଠିକ୍ ଭାବେ ଚାଲୁ ନ ଥିବା, ଖାଦ୍ୟ ସାମଗ୍ରୀ ହଡପ କରାଯାଉଥିବାବେଳେ ଆଉ କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସାମଗ୍ରୀଗୁଡିକୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଥିବା ଅଭିଯୋଗ ହେଉଛି। ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଈଶ୍ୱରନଗର ପଞ୍ଚାୟତର ରାଧାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ସ୍କୁଲରେ ମଧ୍ୟାହ୍ନଭୋଜନ ସାମଗ୍ରୀଗୁଡିକୁ ପାଇଖାନା ଭିତରେ ରଖାଯାଉଥିବା ଅଭିଭାବକମାନେ ଅଭିଯୋଗ ଉଠାଇଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗ ମୁତାବକ, ବିଦ୍ୟାଳୟରେ ମୋଟ ୪୮ ଛାତ୍ରୀଛାତ୍ରୀ ଓ ୨ ଜଣ ଶିକ୍ଷକ ଅଛନ୍ତି। ଏଠାରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ସରକାରଙ୍କ ପକ୍ଷରୁ ଯୋଗା ଯାଉଥିବା ଚାଉଳ, ଅଣ୍ଡା, ଡାଲି ଆଦିକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଇଖାନାରେ ରଖୁଛନ୍ତି। ଏ ବିଷୟରେ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କୁହନ୍ତି, ବିଦ୍ୟାଳୟରେ ଗୃହ ଅଭାବ ଥିବାରୁ ଖାଇବା ସାମଗ୍ରୀକୁ ଏକ ଅବ୍ୟବହୃତ ପାଇଖାନା ଘରେ ରଖାଯାଉଛି। କେଉଁ ପରିପ୍ରେକ୍ଷୀରେ ମଧ୍ୟାହ୍ନଭୋଜନ ସାମଗ୍ରୀ ପାଇଖାନା ଘରେ ରଖାଯାଉଛି ତାହାର ତର୍ଜମା କରାଯିବ ବୋଲି ପାଲଲହଡା ସହକାରୀ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କହିଛନ୍ତି।

## ଡିସେମ୍ବର ୧୪ରେ ରେଲରୋକୋ

ବଇଣ୍ଡା, ୨୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ପ୍ରତ୍ୟେକ ଦିନ ଯା' ଆସ କରୁଥିଲେ ମଧ ଏଠାରେ ରହୁନାହିଁ। ଫଳରେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୧୫ ପଞ୍ଚାୟତ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଦାବି ସତ୍ତ୍ୱେ ଏଠାରେ ଉକ୍ତ ଟ୍ରେନ ରହୁ ନ ଥିବା ଯୋଗୁ ଡିସେମ୍ବର ୧୪ରେ ବାମୁର ରେଳ ଷ୍ଟେଶନରେ ରେଲରୋକୋ କରାଯିବ ବୋଲି ବାମୁର ରେଳ ଉପଭୋକ୍ତା କମିଟି ନିଷ୍ପତ୍ତି ନେଇଛି। ଏ ନେଇ ମଙ୍ଗଳବାର ଡାକ ଯୋଗେ ଏକ ଅଭିଯୋଗ ପତ୍ର ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଭୁବନେଶ୍ୱର ରେଳ ବିଭାଗ ଅଧିକାରୀଙ୍କ ସମେତ ଅନୁଗୋଳ ଜିଲା ଏସ୍‌ପି, ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଆଠମଲ୍ଲିକକୁ ୫.୫ ଲକ୍ଷ ଅନୁମୋଦନ



ଉପଜିଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକ।

ଆଠମଲ୍ଲିକ, ୨୧।୧୧(ଡି.ଏନ.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ମାଡା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୧ଟି ପଞ୍ଚାୟତର ୫୬ ଗ୍ରାମ ମାଡା ଯୋଜନାରେ ଅନ୍ତର୍ଭୁକ୍ତ। ଚଳିତ ଆର୍ଥିକ ବର୍ଷରେ ମାଡା ଯୋଜନାରେ ବ୍ଲକରେ ମୋଟ ୫ ଲକ୍ଷ ୫୦ ହଜାର ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି। ରାଇନାଳୀ ସେବାଶ୍ରମ ଛାତ୍ରାବାସର ପୁନରୁଦ୍ଧାର, ପାଇକସାହି ଆଦିବାସୀ ଛାତ୍ରାବାସ ଉନ୍ନତୀକରଣ, ଶୌଚାଳୟ ପୁନରୁଦ୍ଧାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବିଡିଓ ରାହାସ ଚନ୍ଦ୍ର ନାୟକ ଯୋଗଦେଇ ଜାତି ଜନଜାତି ବିଭାଗରେ ସ୍ୱତନ୍ତ୍ର ଅନୁଦାନ ବାବଦରେ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ବ୍ଲକ ଅଧ୍ୟକ୍ଷ ମିନାକ୍ଷୀ ଦଳେଇ, ଏମ୍‌ପିଙ୍କ ପ୍ରତିନିଧି କ୍ଷୀରୋଦ କୁମାର ବଘାର, ବିଧାୟକଙ୍କ ପ୍ରତିନିଧି ସଚ୍ଚିଦାନନ୍ଦ ମହାନ୍ତି, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ରାଉତ, ଭାରପ୍ରାପ୍ତ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗଜେନ୍ଦ୍ର ବାରିକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଟପ୍‌ନୋ, କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୀପକ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ କର୍ମକର୍ତ୍ତା ମନୋନୀତ

ତାଳଚେର,୨୧।୧୧(ନି.ପ୍ର.)

ଅନୁଗୋଳ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀର ନୂତନ କର୍ମକର୍ତ୍ତାମାନଙ୍କୁ ଜିଲା କଂଗ୍ରେସ୍ କମିଟିକୁ ମନୋନୀତ କରାଯାଇଛି। ଉପସଭାପତି ଭାବେ କେଶବ ଭୂତିଆ, ବିରଞ୍ଚି ଧର, ସାଧାରଣ ସମ୍ପାଦକ ଭାବେ ଡାକ୍ତର ମହାନ୍ତି ଏବଂ ସମ୍ପାଦକ ଭାବେ ଚିତ୍ତରଞ୍ଜନ ଗଡନାୟକ, ବୀରବର ସାହୁ, ହିରେନ୍ ଦାସ, ଧ୍ରୁବ ଚରଣ ଧିର, ରୋହିତ ସେଠୀ, ଭାଗୀରଥି ସାହୁ, ସତ୍ୟବ୍ରତ ମହାନ୍ତି, ଶିବ ସନ୍ତୋଷ ସାହୁ ମନୋନୀତ ହୋଇଛନ୍ତି। ତାଳଚେର ନିର୍ବାଚନ ମଣ୍ଡଳୀର କଂଗ୍ରେସ ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଛି।

## ପଞ୍ଚୁକ ବ୍ରତ, ବଡ଼ ଓଷା ପାଳିତ

ଛେଣ୍ଡିପଦା,୨୧।୧୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଝିଣ୍ଟିପାଳ ଗ୍ରାମ ସ୍ଥିତ ଅଷ୍ଟଶମ୍ଭୁ ବୀରେଶ୍ୱର ମହାଦେବ ମନ୍ଦିର ସମେତ ଜରପଡା, ପରା, ମାଳିସାହି, ଜେରେଙ୍ଗ, କତଡା, ଦୁର୍ଗାପୁର, କୋରଡା, ବାଲିପଟା, କୋଶଳା, ବ୍ରାହ୍ମଣବିଲ, କଙ୍କରେଇ, ନତଡା, ଛେଣ୍ଡିପଦା, ବାଗେଡିଆ, ମାଛକୁଟା, ନୂଆପଡା, ପାତ୍ରପଡା ଆଦି ସ୍ଥାନରେ ଥିବା ଶୈବପୀଠରେ ବଡଓଷା ପାଳିତ ହୋଇଯାଇଛି। ସେହିପରି ସମସ୍ତ ପୁରପଲ୍ଲୀରେ ପଞ୍ଚୁକ ବ୍ରତ ପାଳିତ ହୋଇଯାଇଛି। ଦୁର୍ଗାପୁର ବନଦୁର୍ଗାପଡା ପଞ୍ଚକ ଉତ୍ସବ କମିଟି, ଜେରେଙ୍ଗ, ଲକ୍ଷ୍ମୀଧରପୁର, ଜେରେଙ୍ଗ ନୂଆସାହି, ଜରପଡା ଜଗନ୍ନାଥ ମନ୍ଦିର, ଛେଣ୍ଡିପଦା ଜଗନ୍ନାଥ ମନ୍ଦିର, କୋଶଳା, ବାଗେଡିଆ, ବ୍ରାହ୍ମଣବିଲ ସମେତ ସମସ୍ତ ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଛି।

## ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ

ତାଳଚେର,୨୧।୧୧(ନି.ପ୍ର.)

ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠରେ ୫ ଦିନ ବ୍ୟାପୀ ମହାଚଣ୍ଡୀ ଯଜ୍ଞ ଚାଲିଛି । ରବିବାର କଳସ ଶୋଭାଯାତ୍ରା ପରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହେଉଛି। ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର କର୍ତ୍ତା ଭାବେ ଯୋଗ ଦେଇଥିଲେ। ୨୩ ତାରିଖ ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟଙ୍କ ସହ ଗୋପାଳପ୍ରସାଦ ଗ୍ରାମବାସୀ ସହଯୋଗ କରୁଥିବା ହିଙ୍ଗୁଳା ବିଶ୍ୱଶାନ୍ତି ଯଜ୍ଞାନୁଷ୍ଠାନ ଓ ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଏନ୍‌ଟିପିସି ପକ୍ଷରୁ ୱାଟର ଫିଲ୍‌ଟର ପ୍ରଦାନ




ଛାତ୍ରୀଛାତ୍ରଙ୍କ ସହ ଏନ୍‌ଟିପିସି ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ।

ତାଳଚେର,୨୧।୧୧(ନି.ପ୍ର.)

ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ୱାଟର ଫିଲଟର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଜିଏମ୍ ପି.କେ. ସାହୁ, ସିନିୟର ମ୍ୟାନେଜର ଏ.କେ ଦାସ, ଏମ.ଭି ରାଓ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଓ ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର କରିବା ଦିଗରେ ଏହି ଫିଲଟର କାମରେ ଆସିବ ବୋଲି ଏନ୍‌ଟିପିସି ଅଧିକାରୀମାନେ ପ୍ରକାଶ କରିଥିଲେ। ୨୯୦ ଛାତ୍ରୀଛାତ୍ରଙ୍କୁ ୱାଟର ଫିଲଟର ପ୍ରଦାନ କରାଯାଇ ଥିଲା।

## ୧୪୯ ପ୍ରକଳ୍ପ ପ୍ରଦର୍ଶିତ

ଢେଙ୍କାନାଳ ଅଫିସ/କାମାକ୍ଷାନଗର/ଭୁବନ, ୨୧।୧୧-

ଢେଙ୍କାନାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କୋରିଆଁସ୍ଥିତ ସାଇଗୁରୁକୁଳ ଶିକ୍ଷାନୁଷ୍ଠାନରେ ସଭାପତି ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ମଧୁସୂଦନ ଷେଣ୍ଡ, ସିଆରସିସି ବିଷ୍ଣୁ କୁମାର ମଲ୍ଲିକ, ଭାନିରାମ ମଡେଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଟଙ୍କଧର ପୃଷ୍ଟି, ଶିକ୍ଷାବିତ୍ ଉମାକାନ୍ତ ପଟ୍ଟନାୟକ, ଅନୁଷ୍ଠାନର ଅଧ୍ୟକ୍ଷା ସରସ୍ୱତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ୩୮ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷାବିତ୍ କ୍ଷେତ୍ରବାସୀ ସାହୁ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ।

କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ୯୧ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳ, ଛାତ୍ର କୃଷ୍ଣଚନ୍ଦ୍ର ନାୟକ ଦାରିଦ୍ର୍ୟ ଦୂରୀକରଣରେ ବିଜ୍ଞାନର ଭୂମିକା ଏବଂ ମାନବ ସମ୍ବଳ ବିକାଶ ଉପରେ ବକ୍ତୃତା ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ଅଧ୍ୟାପକ ଚିନ୍ମୟ ମିଶ୍ର, ଆଇନଜୀବୀ ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଭୁବନ ଏନ୍‌ଏସି ବଡ଼ହାଟ ଉପ୍ରା ବିଦ୍ୟାଳୟରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ବିଜ୍ଞାନ ମେଳାରେ ୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁମନ୍ଦିରର ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଛି। ବିଇଓ ଶ୍ରୀହର୍ଷ ନାୟକ, ଏବିଇଓ ସନ୍ତୋଷ ସାହୁ, ସିଆର୍‌ସିସି ଶତ୍ରୁଘ୍ନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହର୍ଷି ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସମ୍ମାନିତ

ଅନୁଗୋଳ ଅଫିସ,୨୧।୧୧

ଅନୁଗୋଳ ତୁରଙ୍ଗ ସ୍ଥିତ ମହର୍ଷି ବିଦ୍ୟାମନ୍ଦିର ପରିସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷା ଡ.ଗାୟତ୍ରୀ ସାମନ୍ତରାୟ ପୁରସ୍କୃତ କରିଛନ୍ତି। ଯୋଗ ଶିକ୍ଷକ ସର୍ବେଶ୍ୱର ଆଚାର୍ଯ୍ୟ ଗୁରୁ ପୂଜନ କରିଥିଲେ। ମହର୍ଷି ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ ଭୋପାଳଠାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମନସ୍ୱିନୀ ଦାସ ଓ ସମୁଲ ଫାତମାଙ୍କୁ ଅଧ୍ୟକ୍ଷା ସମ୍ମାନିତ କରିଥିଲେ। ଉତ୍ସବରେ ଶିକ୍ଷକ ଘନଶ୍ୟାମ ପାଳ, ମାନସ ସାହୁ, ଆଶୁତୋଷ ମିଶ୍ର, ବରୁଣ ବେହେରା ଓ ଶିକ୍ଷୟିତ୍ରୀ କରବି ଦାସ, ସୁନୀତା ମିଶ୍ର ଏବଂ ସ୍ମୃତିରେଖା ପାତ୍ର ସହଯୋଗ କରିଥିଲେ।

## ଅଭିଭାବକ ଦାୟିତ୍ୱବାନ ହୁଅନ୍ତୁ

ତାଳଚେର,୨୧।୧୧(ନି.ପ୍ର.)

ଶିଶୁ ମାନଙ୍କ ବୌଦ୍ଧିକ ତଥା ମାନସିକ ବିକାଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ନିହାତି ଜରୁରୀ। ଏ ଦିଗରେ ଅଭିଭାବକମାନେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ତାଳଚେର ବ୍ଲକ କଳମଛୁଇଁସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଶିଶୁଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୋପାଳପ୍ରସାଦ ନୋଡାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ହାଡିବନ୍ଧୁ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜଗନ ମୋହନ ଗଡନାୟକ, ସମ୍ମାନିତ ଅତିଥି ରଙ୍ଗାଧର ନାୟକ, ମହେନ୍ଦ୍ର ପାଣିଗ୍ରାହୀ, ପାଠାଗାରର ଉପଦେଷ୍ଟା ପ୍ରଭାକର ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଠାଗାର କୋଷାଧ୍ୟକ୍ଷ ଦୟାନିଧି ସାହୁ, ସାଗର ପ୍ରଧାନ, ପଞ୍ଚାନନ ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ପାଚିଲା ଧାନ ନଷ୍ଟ କରୁଛନ୍ତି ହାତୀପଲ

ବଇଣ୍ଡା, ୨୧।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ, ହେମାମୁରା, ରାଇନାଳି, ବାତ୍ରାଖୋଲ, ଖମାର, ଲକ୍ଷ୍ମୀପୁର, ଟେଣ୍ଟୋଲି ଆଦି ଗ୍ରାମଗୁଡିକରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ପାଚିଲା ଧାନ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଚାଷୀମାନେ ରାତି ଉଜାଗର ହୋଇ ନିଆଁ ହୁଳା ଜାଳି ହାତୀ ଘଉଡାଉଛନ୍ତି। ତୁରନ୍ତ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯିବା ସହ ହାତୀ ଘଉଡାଇବାକୁ ପଦକ୍ଷେପ ନିଆଯିବ।

## ଫଟୋରେ ଖବର




ତାଳଚେର ଜନସାଧାରଣଙ୍କ ପକ୍ଷରୁ କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଉଛି।



ମହାନଦୀଠାରେ ବସ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ତାଳଚେର ନଗର କଂଗ୍ରେସ ପକ୍ଷରୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପ ଦାନ କରାଯାଉଛି।

■ବସ୍ ଦୁର୍ଘଟଣା: ଏସ୍‌ସିବିରେ ଅନୁଗୋଳର ୧୩ ଆହତ

## ଭେଟିଲେ ଜିଲାପାଳ, ବିଧାୟକ

ଅନୁଗୋଳ ଅଫିସ,୨୧।୧୧



କଟକ ବଡ଼ ମେଡିକାଲରେ ଅନୁଗୋଳ ଜିଲାପାଳ ଓ ଅନ୍ୟମାନେ।

ତାଳଚେରରୁ ଭୁବନେଶ୍ୱର ଯାଉଥିବା ଜଗନ୍ନାଥ ବସ୍ ମଙ୍ଗଳବାର ମହାନଦୀ ଉପରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ କଟକ ବଡ଼ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଜିଲାର ୧୩ଜଣ ଆହତ ଏସ୍‌ସିବିରେ ଚିକିତ୍ସାଧୀନ ଥିବାରୁ ସେମାନଙ୍କ ଚିକିତ୍ସାସେବା ତଦାରଖ ନିମନ୍ତେ ଏକ ସ୍ୱତନ୍ତ୍ର ଦଳକୁ ମେଡିକାଲରେ ନିୟୋଜିତ କରିଛନ୍ତି। ଏଥିସହ ସମ୍ପୃକ୍ତ ଆହତଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମଧ ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲାପାଳ ଓ ବିଧାୟକ ଆହତମାନଙ୍କୁ ଫଳ, ପାଉଁରୁଟି ପ୍ରଦାନ କରିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଜିଲାପାଳଙ୍କ ସହ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପ, ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସାମାଜିକ କର୍ମୀ, ତାଳଚେର ଏବଂ ଅନୁଗୋଳର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

### ଅଧ୍ୟାପକଙ୍କ ମୃତ୍ୟୁରେ ଶୋକ

ପବିତ୍ରନଗର, ୨୧।୧୧(ଡି.ଏନ.ଏ.)

ବସ୍ ଦୁର୍ଘଟଣାରେ କଣିହାଁ ବ୍ଲକ ପବିତ୍ରନଗର ଯୁକ୍ତ ୨ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଅଶ୍ୱିନୀ କୁମାର ବେହେରାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ନରସିଂହପୁରର ନୂଆପାଟଣାରେ। ଛୁଟିରେ ସେ ଘରକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। କଲେଜ କର୍ମଚାରୀମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆଜି ଆସୁଛନ୍ତି ବିରୋଧୀ ଦଳ ନେତା

**ଢେଙ୍କାନାଳ ଅଫିସ,୨୧।୧୧-** ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୁରୁବାର ଢେଙ୍କାନାଳ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ବଳରାମପୁର ଗ୍ରାମରେ ବାତିଲ ହୋଇଥିବା ବିୟର ବଟ୍‌ଲିଂ ପ୍ଲାଣ୍ଟସ୍ଥଳ ପରିଦର୍ଶନ କରିବେ। ତାଙ୍କସହ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଏବଂ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମଧ ଆସିବା କାର୍ଯ୍ୟକ୍ରମ ରହିଛି। ନରସିଂହ ଅପରାହ୍ଣ ୧ଟାରେ ଢେଙ୍କାନାଳ ସର୍କିଟ୍ ହାଉସ୍‌ରେ ପହଞ୍ଚିବେ। ସେଠାରୁ ୧ଟା ୪୫ରେ ବଳରାମପୁର ଅଭିମୁଖେ ଗସ୍ତକରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବେ। ଅପରାହ୍ଣ ସାଢ଼େ ୩ଟାରେ ସେଠାରୁ ଭୁବନେଶ୍ୱର ଅଭିମୁଖେ ପ୍ରାତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।

### ଲାଗିହେଲା ଭଣ୍ଡାର ଭୋଗ



**ଭୁବନ, ୨୧।୧୧(ଡି.ଏନ୍.ଏ.)** ବଡ଼ଓଷା ଅବସରରେ ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠରେ ବୁଧବାର ଭଣ୍ଡାର ଭୋଗ ଲାଗି ହୋଇଛି। ଏଥିପାଇଁ ପ୍ରାତଃରୁ ଚଳଚଞ୍ଚଳ ହୋଉଉଠିଥିଲା ମନ୍ଦିର ବେଢ଼ା। ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀରେ ସ୍ନାନସାରି ପୂଜାର୍ଚ୍ଚନା କରିଥିଲେ। ଭଣ୍ଡାର ଭୋଗ ଲାଗି ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ପୂଜାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ବୋଇତ ବନ୍ଦାଣ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୨୧।୧୧** ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହେବ ୩୬ତମ ବୋଇତ ବନ୍ଦାଣ ସମାରୋହ। ଏଥିଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ସ୍ଥାନୀୟ ଭାଗୀରଥି ସାଗର ନୂଆପୋଖରୀରେ ପ୍ରାତଃ ସାଢ଼େ ୪ଟାରେ ସମସ୍ତ କାର୍ଯ୍ୟକ୍ରମ କରାଯିବ। ପରମ୍ପରାକୁ ସମ୍ମାନ ଜଣାଇ ଅନୁଷ୍ଠାନ ପକ୍ଷରୁ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଅବିକଳ ନମୁନା ପ୍ରଦର୍ଶିତ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ବସ୍ ଦୁର୍ଘଟଣାରେ ଆହତଙ୍କୁ ଭେଟିଲେ ଅଧିକାରୀ

**ଢେଙ୍କାନାଳ ଅଫିସ, ୨୧।୧୧** କଟକ ବସ୍ ଦୁର୍ଘଟଣାରେ ଢେଙ୍କାନାଳ ଜିଲାର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରେ ଅନ୍ୟୂନ ୯ଜଣ ଗୁରୁତର ହୋଇ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ବୁଧବାର ସେମାନଙ୍କୁ ଭେଟିଛନ୍ତି ଜିଲା ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର। ସରକାରୀ ତଥ୍ୟ ଅନୁଯାୟୀ, ଦୁର୍ଘଟଣାରେ ଢେଙ୍କାନାଳ ଜିଲାର ୧୦ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତରଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବିଜ୍ଞାନ ମେଳାରେ ଛାତ୍ରଙ୍କ କୃତିତ୍ୱ



**ଢେଙ୍କାନାଳ ଅଫିସ, ୨୧।୧୧** ଢେଙ୍କାନାଳ ସହରସ୍ଥିତ ଶିଶୁ ବିଦ୍ୟାମନ୍ଦିରର ୯ମ ଶ୍ରେଣୀ ଛାତ୍ର ଆଶିଷ କୁମାର ପୃଷ୍ଟି କଟକସ୍ଥିତ କେଶବ ଧାମରେ ଅନୁଷ୍ଠିତ ଅଖିଳ ଭାରତୀୟ ଜ୍ଞାନବିଜ୍ଞାନ ମେଳା (କିଶୋର ବର୍ଗ)ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଗଣିତ ପ୍ରକଳ୍ପକୁ ବିଚାରକମାନେ ପ୍ରଶଂସା କରିଛନ୍ତି। ସ୍ଥାନୀୟ ରାଧାକୃଷ୍ଣ ବଜାରର ଶ୍ରୀକାନ୍ତ ପୃଷ୍ଟି ଏବଂ ଇତିଶ୍ରୀ ପୃଷ୍ଟିଙ୍କ ପୁତ୍ର ଆଶିଷଙ୍କ ଏପରି କୃତିତ୍ୱ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ୧୬ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୨୧।୧୧-** ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସେକ୍ସନ ଅଫିସର କେଦାରନାଥ ଜେନା, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ନିମାଇଁ ଚରଣ ଜେନା, ଡା. ପ୍ରେମାନନ୍ଦ ସାହୁ, ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

■ପୁଣି ଚର୍ଚ୍ଚାରେ ସଦର ଥାନା

# ଅଭିଯୋଗକାରୀଙ୍କୁ ପିଟିଲେ ଏସ୍‌ଆଇ

**ଢେଙ୍କାନାଳ ଅଫିସ, ୨୧।୧୧**




■ବିଶୃଙ୍ଖଳିତ ଆଚରଣ ଲାଗି ପୂର୍ବରୁ ଦଣ୍ଡିତ ହୋଇଛନ୍ତି

■ଏବେ ରିଜର୍ଭ ପୋଲିସ ଲାଇନ୍‌ରେ କାର୍ଯ୍ୟରତ ଅଛନ୍ତି

■ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଏସ୍‌ଡିପିଓ

ଲୋକଙ୍କ ବିଶ୍ୱାସ ଭାଜନ ହୁଅ। ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର କର। ଅଭିଯୋଗର ଗୁରୁତ୍ୱକୁ ବୁଝ। ଖାକିକୁ କଳଙ୍କ ମୁକ୍ତ କରିବାକୁ ଗଢ଼ା ହୋଇଥିବା 'ଆମ ପୋଲିସ' ବୈଠକରେ ପ୍ରତିମାସରେ ପୋଲିସ ପ୍ରଶାସନର ଅଧସ୍ତନ କର୍ମଚାରୀଙ୍କୁ ଏମିତି ପାଠ ପଢ଼ାନ୍ତି ବିଭାଗୀୟ ଅଧିକାରୀ। ହେଲେ ପରାମର୍ଶ, ଉପଦେଶ କି ନିର୍ଦ୍ଦେଶ କିଛି କାଟୁ କରୁନାହିଁ। କଡ଼ା ତାଗିଦ୍ ସତ୍ତ୍ୱେ ନିଜ ପ୍ରକୃତି ବଦଳାଉନାହାନ୍ତି ଅନେକ କର୍ମଚାରୀ। ଢେଙ୍କାନାଳ ସଦର ଥାନାରେ ଜଣେ ଅଭିଯୋଗକାରୀଙ୍କୁ ଏସ୍‌ଆଇ ମାଡ଼ମାରିବା ଅଭିଯୋଗ ଆସିବା ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି ପୋଲିସର ହରକତ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଏସ୍‌ଆଇଙ୍କ ଉପରେ ଆସିଥିବା ଅଭିଯୋଗ ନୂଆନୁହେଁ। ପୂର୍ବରୁ ଏକାଧିକ ଥର ଅଭିଯୋଗକାରୀଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇଛି। ପୂର୍ବରୁ ସେ ସଦର ଥାନାରେ କାର୍ଯ୍ୟ କରୁଥିବାବେଳେ ବଦଳି ପରେ ସେ ଏବେ ରିଜର୍ଭ ଲାଇନ୍‌ରେ କାର୍ଯ୍ୟରତ ଅଛନ୍ତି। ବୁଧବାର ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ସେ ପ୍ରଥମେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ଥାନାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏ ସଂକ୍ରାନ୍ତରେ ଥାନାଧିକାରୀ ମଳୟ ନାୟକ କୁହନ୍ତି, ସମ୍ପୃକ୍ତ ଏସ୍‌ଆଇଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ହେଲେ ଏସ୍‌ଆଇ କାହିଁକି ଥାନାକୁ ଆସିଥିଲେ ସେ ଜାଣିନାହାନ୍ତି। ପୂର୍ବରୁ ମଧ ତାଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା ବୋଲି କହି ଥାନାଧିକାରୀ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଘଟଣା ସମ୍ପର୍କରେ ଏସ୍‌ଡିପିଓ ଶେଖ ଅବଦୁଲ କରିମ୍ କୁହନ୍ତି, ଏ ନେଇ ସୂଚନା ପାଇଛୁ। ପୂର୍ବରୁ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଆସିଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

## ସ୍ୱତନ୍ତ୍ର ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ଭୁବନ, ୨୧।୧୧(ଡି.ନ୍.ଏ.)**

ଭୁବନ ବ୍ଲକ ମଠକରଗୋଳା ପଞ୍ଚାୟତ କାର୍ଯ୍ୟାଳୟରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ମଙ୍ଗଳବାର ସ୍ୱତନ୍ତ୍ର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଜନଧନ ଯୋଜନା, ବେଟି ପଢ଼ାଅ ବେଟି ବଞ୍ଚାଅ, ସୁକନ୍ୟା ଯୋଜନା, ଅଟଳ ପେନ୍‌ସନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନପ୍ରତିନିଧି ଏବଂ ମହିଳା ଗୋଷ୍ଠୀ ସଦସ୍ୟଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ମୁଖ୍ୟବକ୍ତା ନାବାର୍ଡ ଏଜିଏମ୍ ରାମକୃଷ୍ଣ କର ଏବଂ ସମ୍ମାନିତ ଅତିଥି ସରପଞ୍ଚ ସୁନେଲୀ ନାୟକ, ସାମାଜିକ କର୍ମୀ ମହେଶ୍ୱର ସାହୁ, ସିଡିପିଓ ପ୍ରମୋଦିନୀ ତ୍ରିପାଠୀ, କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ୧୫ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଷେତ୍ରସମ୍ପର୍କ ଅଧିକାରୀ ଜୀବନ କୁମାର ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହିରୋ ଡେଷ୍ଟିନି-୧୨୫ର ବଜାର ପ୍ରବେଶ



ହିରୋ ଡେଷ୍ଟିନି-୧୨୫ର ବଜାର ପ୍ରବେଶ ଅବସରରେ ଅତିଥି ଏବଂ ଅନ୍ୟମାନେ।

**ଢେଙ୍କାନାଳ ଅଫିସ,୨୧।୧୧**

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ସୋମ୍ ଅଟୋ ପକ୍ଷରୁ ବୁଧବାର ଅପରାହ୍ଣରେ ହିରୋ ଡେଷ୍ଟିନି-୧୨୫ ନୂତନ ସ୍କୁଟର ବଜାର ପ୍ରବେଶ ହୋଇଛି। ଦୁଇଟି ଭେରାଇଟିରେ ଏହା ଉପଲବ୍ଧ ହେବ। ଏହାର ଏଲ୍‌ଏକ୍ସ ମଡେଲ ୫୬,୯୫୦ ଟଙ୍କା ଏବଂ ଭିଏକ୍ସ ମଡେଲର ମୂଲ୍ୟ ୬୦ହଜାର ଟଙ୍କା ରହିଛି।

ଆକ୍ସିସ୍ ବ୍ୟାଙ୍କ ଶାଖା ପ୍ରବନ୍ଧକ ମନୋରଞ୍ଜନ ତ୍ରିପାଠୀ, ସୋମ୍ ଅଟୋ ପରିଚାଳନା ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ସିଂଦେଓ ଏହାର ବଜାର ପ୍ରବେଶ କରାଇଥିଲେ। ବ୍ୟବସାୟୀ ରାମକୃଷ୍ଣ ଶତପଥୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ ଅଧିକାରୀ ଜ୍ଞାନରଞ୍ଜନ ଦାସ, ଆଇନଜୀବୀ ଅନୁପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୋରୁମ୍‌ର ବରିଷ୍ଠ ମେକାନିକ ବିଭୂତି ସାହୁ, ସେଲ୍ସ ଏକଜିକ୍ୟୁଟିଭ୍ ପିଙ୍କି ବିବି ଡେଷ୍ଟିନି-୧୨୫ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀଚନ୍ଦନ ନନ୍ଦ ପରିଚାଳନା କରିଥିଲେ।

■ଶିବାୟର ପ୍ରଥମ ବାର୍ଷିକ ଉତ୍ସବ

## ନିଷ୍ଠା ରହିଲେ ଅନୁଷ୍ଠାନ ଆଗକୁ ବଢ଼ିବ




**ଢେଙ୍କାନାଳ ଅଫିସ, ୨୧।୧୧**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ଶିବାୟ'ର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ଣରେ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ଢେଙ୍କାନାଳ ଗଟ୍ ଟ୍ୟାଲେଣ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, କବି ବାହାଦୁର ପାଟଶାହାଣୀ, ଖବରଦାତା ଦୀପକ ମହନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ କଳାସଂସ୍କୃତିର ମାଟି। ଏଠି ବାରମାସରେ ତେର ପର୍ବ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। 'ଶିବାୟ'ର ଏହା ପ୍ରଥମ ବାର୍ଷିକ ଉତ୍ସବ। କଳାକାରଙ୍କ ନିଷ୍ଠା ଓ ଅନୁରକ୍ତି ରହିଲେ ଅନୁଷ୍ଠାନ ଆଗକୁ ବଢ଼ିବ ବୋଲି ଅତିଥିମାନେ କହିଥିଲେ। ସଭାପତି ପ୍ରବୋଧ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୋଷ ମିଶ୍ର ବିବରଣୀ ପାଠ କରିଥିଲେ। ସୁଶାନ୍ତ ଧଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ଓଡ଼ିଶୀ, ଆଧୁନିକ ନୃତ୍ୟ, ଚିତ୍ରାଙ୍କନ ସମେତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ପ୍ରତିଭାବାନ ବ୍ୟକ୍ତିତ୍ୱ ଏବଂ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ଛିନ୍ନମସ୍ତାଙ୍କ ପୀଠରେ ବାର୍ଷିକ ଉତ୍ସବ

**ପରଜଙ୍ଗ, ୨୧।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ମା' ଛିନ୍ନମସ୍ତାଙ୍କ ପୀଠରେ ମଙ୍ଗଳବାର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବ୍ରାହ୍ମଣୀ ନଦୀରୁ ମହିଳାମାନେ ଜଳପୂର୍ଣ୍ଣ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ମନୋହର ରଣା ଚଣ୍ଡୀପାଠ ଏବଂ ପୂଜକ ଶ୍ରୀଧର ଆଚାର୍ଯ୍ୟ, ରିଙ୍କୁନ ଆଚାର୍ଯ୍ୟ ବେଦପାଠ କରିଥିଲେ। ମନ୍ଦିର କମିଟି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସ୍ତ୍ରୀ ମଳୟ ମଞ୍ଜରୀ ମହାନ୍ତି, ନିର୍ମଳ ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ୧୯୮୪ରୁ ମା'ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ଗ୍ରାମବାସୀଙ୍କ ସହାୟତାରେ ୭ବର୍ଷ ହେଲା ବାର୍ଷିକ ଉତ୍ସବ ପାଳିତ ହୋଇଆସୁଛି। ଏହି ଅବସରରେ ଆୟୋଜିତ ପ୍ରସାଦସେବନ କାର୍ଯ୍ୟକ୍ରମରେ ୪୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝାଡ଼ାବାନ୍ତିରେ ବୃଦ୍ଧଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୨୧।୧୧**

ଯୋରନ୍ଦା ଚିକିତ୍ସାଳୟରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ମାଣିତ୍ରୀ ଗ୍ରାମର ପଦ୍ମନାଭ ନାଥ (୭୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ହେଲେ ଅକ୍ସିଜେନ୍ ଅଭାବରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପଦ୍ମନାଭ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଳୟକୁ ଆସିଥିଲେ। ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

## ପୃଥକ୍ ଦୁର୍ଘଟଣା, ୩ ଗୁରୁତର

**ପରଜଙ୍ଗ, ୨୧।୧୧(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ବଡ଼କମର-ପଙ୍ଗାତୀରା ପୂର୍ତ୍ତ ବିଭାଗ ରାସ୍ତାରେ ବୁଧବାର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବେକାଗାଡ଼ିଆ ଗ୍ରାମର ତହସିଲ କର୍ମଚାରୀ ସନ୍ତୋଷ ପାଣି (୫୮), ଜାମୁନାଳିଆ କୋହ୍ଲସାହିର ମଦନ ସାଏ ଏବଂ ବାବୁଲି ଗାଗରାଇ। ରେଲୱେ ଲେଭେଲ୍ କ୍ରସିଂ ନିକଟରେ ସନ୍ତୋଷଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ସେହିପରି ବାଇକ୍‌ରେ ହାଟରୁ ଫେରୁଥିବାବେଳେ ଗୋଳାଗାଡ଼ିଆ ନିକଟରେ ଭାରସାମ୍ୟ ହରାଇ ମଦନ ଏବଂ ବାବୁଲି ଦୁର୍ଘଟଣାର ଶିକାର ହୋଇଥିଲେ।

## ସାମାଜିକକର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୧।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ତପୁର ଗ୍ରାମର ସାମାଜିକକର୍ମୀ ବଳରାମ ନାୟକ(୯୦)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ସନ୍ତପୁର ସମବାୟ ସମିତିର ୪ଥର ସଭାପତି ରହିଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ମନେପଡ଼ିଲେ ସାହିତ୍ୟିକା ରେଣୁବାଳା




ସ୍ମୃତିସଭାରେ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୧।୧୧**

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନରେ ମଙ୍ଗଳବାର ସନ୍ଧ୍ୟାରେ ସୁସାହିତ୍ୟିକା ରେଣୁବାଳା ନନ୍ଦଙ୍କ ଷଷ୍ଠବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରେଣୁବାଳା ସଂସ୍କାରମୂଳକ ଲେଖନୀ ଚାଳନା କରି ପାଠକଙ୍କ ପ୍ରିୟ ହୋଇପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ରେଣୁବାଳା ସ୍ମୃତି ସଂସଦର ରାଜ୍ୟ ସଭାନେତ୍ରୀ ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଲେଖକ ସଂସଦ ସଭାପତି ଶତ୍ରୁଘ୍ନ ଭୂତିଆ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ, ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, ବଂଶୀବାଦକ ଗଗନ ବିହାରୀ ନନ୍ଦ, ଶିକ୍ଷକନେତା ହୃଦାନନ୍ଦ ଦ୍ୱିବେଦୀ, ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକ ପ୍ରମୁଖ ରେଣୁବାଳାଙ୍କ ସାହିତ୍ୟକୃତିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଡ. ନବକିଶୋର ମିଶ୍ର, ଗୋଲାପମଞ୍ଜରୀ ନନ୍ଦ, କାଳିନ୍ଦୀ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଏବଂ ସୁକାନ୍ତି ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ ବହୁ କବୟିତ୍ରୀକବି ସ୍ୱରଚିତା କବିତା ପାଠ କରିଥିଲେ।

## ଶିଳ୍ପ ସଚେତନତା ଶିବିର

**ଭୁବନ, ୨୧।୧୧(ଡି.ଏନ୍.ଏ.)**




ଭୁବନ ଶିଳ୍ପୋଦ୍ୟୋଗ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମୀରାବାଇ କଳାବିକାଶ କେନ୍ଦ୍ରରେ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୋଦ୍ୟୋଗ ଯୋଜନା ଅଧିକାରୀ ଦେବେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ରମେଶ ଚନ୍ଦ୍ର ସାହୁ, ଶିଳ୍ପ ବିକାଶ ଅଧିକାରୀ ସଞ୍ଜୟ ହୋତା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଳ୍ପୀ ଏବଂ ଶିଳ୍ପ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ୬୦ଜଣ ଶିଳ୍ପୀ ଓ କାରିଗର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାରିଗର ସଂଘ ସଭାପତି ଭଗବାନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଷ୍ଣୁତା ନ ଥିଲେ ଗଣତନ୍ତ୍ରକୁ ବିପଦ

**ଢେଙ୍କାନାଳ ଅଫିସ, ୨୧।୧୧**

ନିଜେ ବଞ୍ଚ, ଅନ୍ୟକୁ ବଞ୍ଚାଅ। ଏହା ହେଉଛି ଗଣତନ୍ତ୍ରର ନୀତି। ସାମାଜିକ ବ୍ୟବସ୍ଥାରେ ସ୍ନେହ, ସୌହାର୍ଦ୍ଦ୍ୟ, ସହିଷ୍ଣୁତା, ସହଯୋଗ ନ ଥିଲେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ିଆସେ। ଗଣତନ୍ତ୍ରର ସୁରକ୍ଷା ଜନସାଧାରଣଙ୍କ ନୈତିକ ଏବଂ ବୌଦ୍ଧିକ ମୂଲ୍ୟବୋଧ ଉପରେ ନିର୍ଭର କରେ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜରେ ମଙ୍ଗଳବାର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ପ୍ରଥମ ଆଲୋଚନାଚକ୍ରରେ ଏପରି ମତପ୍ରକାଶ ପାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଶମ୍ଭୁପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ରମେଶ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ମାନସୀ କର, ଡ. ସୁଚରିତା ମିଶ୍ର, ଅଧ୍ୟାପକ ଅଞ୍ଜନ ସାହୁ, ପ୍ରଦ୍ୟୁମ୍ନ ନାୟକ ଯୋଗଦେଇ ଗଣତନ୍ତ୍ରର ଆହ୍ୱାନ ଏବଂ ଏହାର ସର୍ତ୍ତାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଲକ୍ଷ୍ମୀପ୍ରିୟା ସାହୁ, ସରିତା ପଟ୍ଟନାୟକ, ଦେବୀଦତ୍ତ ଦାସବେହେରା, ସିଦ୍ଧାର୍ଥ ସାହୁ, ଲିଭାରାଣୀ ରାଉତ, ଲିପିକା ସାହୁ, ନିଲମ ରାଉତ ସନ୍ଦର୍ଭ ପାଠ କରିଥିଲେ। ଅନ୍ୟ ଛାତ୍ରୀଛାତ୍ରମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।




ଆଲୋଚନାଚକ୍ରରେ ଅତିଥିମାନେ।

## ବଳରାମପୁରରେ ଦାମ

**ଓଡ଼ାପଡ଼ା, ୨୧।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁରରେ ବାତିଲ ହୋଇଥିବା ମଦ କମ୍ପାନୀ ଅଞ୍ଚଳକୁ ବୁଧବାର ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ବୁଲି ଦେଖିଛନ୍ତି। ଏଠାରେ ପହଞ୍ଚିବା ପରେ ସେ ପ୍ରଥମେ ଗଛ କଟାଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଏହାପରେ ଗାଁ ମଣ୍ଡପରେ ଅଞ୍ଚଳବାସୀଙ୍କସହ ଆଲୋଚନା କରିଥିଲେ। ସେମାନଙ୍କଠାରୁ ବିଭିନ୍ନ ଅଭିଯୋଗ ଶୁଣି ସେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ।

ଗଛ କଟାଯିବା ପ୍ରସଙ୍ଗରେ ସେ ବିଜେଡି ସରକାରଙ୍କୁ ଅନ୍ଧ ସରକାର ବୋଲି ଆରୋପ ଲଗାଇଛନ୍ତି। ଏଥିସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏହାପରେ ଦାମ କଣ୍ଟାବଣିଆ ଛକ ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପଥପ୍ରାନ୍ତ ସଭା କରିଥିଲେ। ଉକ୍ତସଭାରେ ମଧ ସେ ରାଜ୍ୟ ସରକାର ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ ଉଠାଇ ବିଷୋଦ୍‌ଗାର କରିଥିଲେ।

■ମାଡ଼ ମାରି ଘରୁ ତଡ଼ିଦେଲେ ବୋହୂ

# ଏସ୍‌ପିଙ୍କୁ ନ୍ୟାୟ ମାଗିଲେ ବୃଦ୍ଧ ଦମ୍ପତି

**ହିନ୍ଦୋଳ, ୨୧।୧୧(ଡି.ଏନ.ଏ.)**



■ଥାନାରେ ଦୁର୍ବ୍ୟବହାର ଅଭିଯୋଗ

■ଝିଅଘରେ ମୁଣ୍ଡ ଗୁଞ୍ଜିଛନ୍ତି

ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ମାଗୁବେରେଣୀ ଗ୍ରାମର ବୃଦ୍ଧା ଦମ୍ପତିଙ୍କୁ ୩ ବୋହୂ ମାଡ଼ ମାରି ଘରୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ଶାଶୁଶ୍ୱଶୁର ୧୦ଦିନ ତଳେ ବାଲିମି ଥାନାର ଦ୍ୱାରସ୍ଥ ହୋଇ ନିର୍ଯାତନାର କାହାଣୀ ବଖାଣିଥିଲେ ମଧ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ବୁଧବାର ସେମାନେ ରେଜେଷ୍ଟ୍ରି ଡାକଯୋଗେ ଏସ୍‌ପିଙ୍କୁ ଅଭିଯୋଗପତ୍ର ପଠାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

ମାଗୁବେରେଣି ଗ୍ରାମର ଅଭିରାମ ସାମଲ (୮୩) ଏବଂ ତାଙ୍କ ସ୍ତ୍ରୀ ଛାୟା (୮୨)ଙ୍କ ୪ ବିବାହିତ ପୁଅ ଏବଂ ୨ ଝିଅ ଅଛନ୍ତି। ପୁଅମାନେ କାମ କରିବାକୁ ଗଲେ ବୋହୂମାନେ ସେମାନଙ୍କୁ ହଇରାଣ କରିଥାନ୍ତି। ୧୧ତାରିଖ ଅପରାହ୍ଣରେ ବୃଦ୍ଧ ଦମ୍ପତିଙ୍କୁ ୩ ବୋହୂ ଆରତି, ଝୁନୁବାଳା ଏବଂ ସାରଥି ଘରୁ ବାହାର କରିଦେଇଥିଲେ। ଏପରି କି ଅଭିରାମଙ୍କଠାରୁ ସେମାନେ ୧୨ହଜାର ଟଙ୍କା ଏବଂ ଅନ୍ୟାନ୍ୟ କାଗଜପତ୍ର ଛଡ଼ାଇ ରଖିଥିଲେ। ଏ ନେଇ ବାଲିମି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବ କହି ଦୁଇଜଣଙ୍କୁ ଘରକୁ ପଠାଇ ଦେଇଥିଲା। ହେଲେ ସେମାନେ ଘରକୁ ନ ଯାଇ ଝିଅ ଘରେ ରହିଥିଲେ। ଘଟଣାର ଦୁଇଦିନ ପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ୧୩ ତାରିଖରେ ସେମାନେ ପୁଣିଥରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନାରେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଫେରାଇ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାପରେ ସେମାନେ ପତ୍ର ଲେଖି ଏସ୍‌ପିଙ୍କୁ ନ୍ୟାୟ ମାଗିଛନ୍ତି। ଏ ନେଇ ଥାନାଧିକାରୀ ପ୍ରଶାନ୍ତ ଲେଙ୍କା କୁହନ୍ତି, ଅଭିଯୋଗ ଭିତ୍ତିହୀନ। ବୃଦ୍ଧ ଦମ୍ପତି ଥାନାକୁ ଆସିଥିଲେ। ଏହାର ସମାଧାନ କରାଯାଇ ସେମାନଙ୍କୁ ଛଡ଼ାଯାଇଥିଲା, ଯଦି ପୁନର୍ବାର କୌଣସି ସମସ୍ୟା ହୋଇଥାଏ ତେବେ ଥାନାକୁ ଆସି ଜଣାଇଲେ ଏହାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ନଭେମ୍ବର ୨୨ /୨୦୧୮ Dhenkanal, Thursday, November 22 / 2018




■ପରଜଙ୍ଗ ଥାନା ଅଞ୍ଚଳରେ ଲୁଟେରା ରାଜ୍

# ଫାଇନାନ୍ସ କର୍ମଚାରୀଙ୍କୁ ଲୁଟିଲେ

**ପରଜଙ୍ଗ, ୨୧।୧୧(ଡି.ଏନ୍.ଏ.)**

**ମାସକରେ ତୃତୀୟ ଘଟଣା**

ପରଜଙ୍ଗ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଘଟାଇ ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧ। ବୁଧବାର ମଧ୍ୟାହ୍ନରେ ଲୁଟେରାଙ୍କ ଶିକାର ହୋଇଛନ୍ତି ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର କର୍ମଚାରୀ। ମାସକ ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା, ଯାହା ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଫାଇନାନ୍ସ କର୍ମଚାରୀ ମୁକ୍ତାପଶି ଅଞ୍ଚଳରୁ ଅର୍ଥ ଆଦାୟ କରି ପରଜଙ୍ଗସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ଫେରୁଥିଲେ। ୫୩ନଂ. ଜାତୀୟ ରାଜପଥର ବାରିହାପୁର ଛକଠାରୁ ଅଳ୍ପଦୂରରେ ଏକ ବାଇକ୍‌ରେ ୩ଜଣ ଯୁବକ ଆସି ୫୬ ହଜାର ଟଙ୍କା ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଥାନା ଅଞ୍ଚଳରେ ଏପରି ଲୁଟ୍‌ତରାଜ ପଥଚାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ଗତ ଶନିବାର ସରାଙ୍ଗ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ଉପରୁ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ମଚାରୀ ଲକ୍ଷ୍ମୀପ୍ରିୟା ବଳଙ୍କଠାରୁ ଲୁଟ୍ ହୋଇଥିଲା। ସେ ସ୍କୁଟିରେ ଖାଲପାଳ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ତାଳଚେର ଫେରୁଥିବାବେଳେ ୨ଜଣ ଲୁଟେରା ତାଙ୍କଠାରୁ ୭୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ନଂ. ୨୮୬/୧୮ରେ ମାମଲା ରୁଜୁ ହୋଇଛି। ସେହିପରି କିଛିଦିନ ତଳେ ବାରିହାପୁର ଅଞ୍ଚଳର ଜଣେ ଯୁବକ ମଧ୍ୟ ଲୁଟେରାଙ୍କ ଶିକାର ହୋଇଥିଲେ। ଉପରୋକ୍ତ ୩ଟି ଘଟଣାରେ ପୋଲିସ ଅଦ୍ୟାବଧି କୌଣସି ସୁରାକ୍ ପାଇପାରିନାହିଁ। ଏଭଳି ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ନୀରବତାକୁ ନାପସନ୍ଦ କରିଛନ୍ତି ସାଧାରଣ ଜନତା।

ଏ ନେଇ ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତ କୁହନ୍ତି, ଟଙ୍କା ଆଦାୟ କରିବାକୁ ଯାଉଥିବା ବେଳେ ପୋଲିସକୁ ସୂଚିତ କରିବାକୁ ଫାଇନାନ୍ସ କର୍ମଚାରୀଙ୍କୁ କୁହାଯାଇଛି। ହେଲେ ସେମାନେ ଏହାକୁ ହେୟଜ୍ଞାନ କରୁଛନ୍ତି। ତେଣୁ ଏପରି ଘଟଣା ବାରମ୍ବାର ଘଟୁଥିବା ସେ କହିଛନ୍ତି।

# ଭାଜପାର ଜନସମ୍ପର୍କ ପଦଯାତ୍ରା

**ପରଜଙ୍ଗ, ୨୧।୧୧(ଡି.ଏନ୍.ଏ.)** କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଏବଂ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପରଜଙ୍ଗ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଜନସମ୍ପର୍କ ପଦଯାତ୍ରା। ଏହା ୩୦ ତାରିଖ ଯାଏ ଚାଲିବ। ପ୍ରଥମ ଦିନରେ ୧, ୨ ଏବଂ ୩ନଂ. ଜିଲା ପରିଷଦ ଜୋନର ବିଭିନ୍ନ ଗ୍ରାମରେ ପଦଯାତ୍ରା ପରିକ୍ରମା କରିଥିଲା। ବରିଷ୍ଠ ନେତା ନିରାକାର ପ୍ରଧାନ, ହେମନ୍ତ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, କମଳ ଲୋଚନ ଦାସ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଜୋନ୍ କମିଟି ସଦସ୍ୟ ଏଥିରେ ସାମିଲ ହୋଇ ଲୋକଙ୍କୁ ସଚେତନ କରାଇଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ